# NATIONAL NEWS BULLETIN (ODIA)
## 01st January - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସରିତା ସାହୁ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ପାଣିପାଗଭିତ୍ତିକ ଢାଞ୍ଚାଗତ ଶସ୍ୟ ବୀମା ଯୋଜନାକୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରି ରଖିବାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।

— ନବବର୍ଷର ପ୍ରଥମ କ୍ୟାବିନେଟ ଚାଷୀଙ୍କପାଇଁ ଉତ୍ସର୍ଗୀକୃତ; କହିଲେ ପ୍ରଧାନମନ୍ତ୍ରୀ ।

- ଡି.ଏ.ପି. ଉପରେ ସବ୍‌ସିଡି ଯୋଗାଇ ଦେବାଲାଗି ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜ୍ ସମ୍ପ୍ରସାରିତ ।
- 'ଏକ ଦେଶ ଏକ ସବ୍‌କ୍ରିପ୍‌ସନ୍' ଯୋଜନା ଆଜିଠାରୁ ଆରମ୍ଭ ।
- ଜି.ଏସ୍.ଟି. ଆଦାୟ ପରିମାଣ ୨୦୨୩ ମସିହା ଡିସେମ୍ବର ତୁଳନାରେ ଗତବର୍ଷ ଡିସେମ୍ବରରେ ୭ ଦଶମିକ ୩ ପ୍ରତିଶତ ବୃଦ୍ଧି ।

ଏବଂ

- ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ବେଙ୍ଗଲ ଟାଇଗର୍ସ ଓ ଟିମ୍ ଗୋନାସିକା ମଧ୍ୟରେ ହେବ ମୁକାବିଲା ।

## କ୍ୟାବିନେଟ୍ ଡିସିସନ୍‌ସ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ପାଣିପାଗଭିତ୍ତିକ ଢାଞ୍ଚାଗତ ଶସ୍ୟ ବୀମା ଯୋଜନାକୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରି ରଖିବାକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି । ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ପାଇଁ ୬୯ ହଜାର ୫୧୫ କୋଟି ଟଙ୍କା ଖର୍ଚ୍ଚ ବୃଦ୍ଧି କରାଯାଇଛି । ଏହି ଯୋଜନା ଅଧୀନରେ ୮୮ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ । ମନ୍ତ୍ରୀ ପୁଣି କହିଛନ୍ତି, ୫୭ ପ୍ରତିଶତ ବୀମାଭୁକ୍ତ ଚାଷୀ, ଅନ୍ୟାନ୍ୟ ପଛୁଆବର୍ଗ, ତଫସିଲ୍‌ଭୁକ୍ତ ଜାତି ଓ ଜନଜାତି ଅଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୮ ବର୍ଷ ମଧ୍ୟରେ କୃଷକମାନଙ୍କୁ ବୀମା ବାବଦରେ ୧ ଲକ୍ଷ ୭୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ନୂଆବର୍ଷର ପ୍ରଥମ କ୍ୟାବିନେଟ୍ କୃଷକମାନଙ୍କର ଉନ୍ନତିପାଇଁ ଉତ୍ସର୍ଗ କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

## ପି.ଏମ୍. - କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ତାଙ୍କ ସରକାର କୃଷକମାନଙ୍କ ମଙ୍ଗଳପାଇଁ ସମ୍ପୂର୍ଣ୍ଣଭାବେ ପ୍ରତିଶ୍ରୁତିବଦ୍ଧ । ନବବର୍ଷର ପ୍ରଥମ କ୍ୟାବିନେଟ୍ ଚାଷୀମାନଙ୍କପାଇଁ ଉତ୍ସର୍ଗ କରାଯାଇଥିବା ପରିପ୍ରେକ୍ଷୀରେ ସେ କହିଛନ୍ତି, ଅନ୍ନଦାତାମାନଙ୍କ ଉନ୍ନତି ଓ ପ୍ରଗତି ତାଙ୍କ ସରକାରଙ୍କ ଲକ୍ଷ୍ୟ । କଠିନ ପରିଶ୍ରମ କରି ଅନ୍ନ ଯୋଗାଉଥିବା କୃଷକମାନଙ୍କପାଇଁ ଦେଶ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## କ୍ୟାବିନେଟ୍ - ଡି.ଏ.ପି. ଫର୍ଟିଲାଇଜର୍

କେନ୍ଦ୍ର କ୍ୟାବିନେଟ୍ ଆଜି ଡାଇ-ଆମୋନିଆ ଫସ୍‌ଫେଟ୍ - ଡି.ଏ.ପି. ଉପରେ ସବ୍‌ସିଡି ଯୋଗାଇ ଦେବାଲାଗି ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜ୍‌କୁ ସମ୍ପ୍ରସାରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡି.ଏ.ପି. ଉପରେ ଟନ୍ ପିଛା ୩ ହଜାର ୫ ଶହ ଟଙ୍କା Nutrient Based Subsidy ଯୋଗାଇ ଦିଆଯିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି । କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ଆଜିଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ଲାଗୁ ହେବ । ସାର ବିଭାଗର ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି ମିଳିବା

ପରେ କୃଷକମାନଙ୍କୁ ସୁଲଭ ମୂଲ୍ୟରେ ନିରନ୍ତର ଭାବେ ଡି.ଏ.ପି. ସାର ଉପଲବ୍ଧ ହୋଇପାରିବ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଚାଷୀମାନେ ୫୦ କେଜିଆ ବସ୍ତା ୧ ହଜାର ୩୫୦ ଟଙ୍କାରେ ପାଇପାରିବ । ଏଥିପାଇଁ ଅତିରିକ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ରାଜନାଥ

ପ୍ରତିରକ୍ଷା କ୍ଷେତ୍ରରେ ଚାଲିଥିବା ଓ ଭବିଷ୍ୟତରେ ହେବାକୁ ଥିବା ସଂସ୍କାରକୁ ଉତ୍ସାହିତ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୨୫ ବର୍ଷକୁ ସଂସ୍କାର ବର୍ଷ ଭାବେ ଘୋଷଣା କରିଛି । ନୂଆବର୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରତିରକ୍ଷା ମନ୍ତ୍ରଣାଳୟର ସଚିବସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ ପ୍ରମୁଖ ଯୋଜନା, ପ୍ରକଳ୍ପ ଏବଂ ସଂସ୍କାରର ଅଗ୍ରଗତିର ସମୀକ୍ଷା କରିଛନ୍ତି । ଶ୍ରୀ ସିଂ କହିଛନ୍ତି, ଏହି ସଂସ୍କାର ବର୍ଷ ସଶସ୍ତ୍ର ବାହିନୀର ଆଧୁନିକୀକରଣ ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ଦେଶର ପ୍ରତିରକ୍ଷା ପ୍ରସ୍ତୁତିରେ ଏହା ଏକ ଅଭୂତପୂର୍ବ ଅଗ୍ରଗତିର ମୂଳଦୁଆ ପକାଇବ ବୋଲି ସେ କହିଛନ୍ତି । ସଶସ୍ତ୍ର ବାହିନୀ ବୈଷୟିକ ଜ୍ଞାନକୌଶଳରେ ଉନ୍ନତ, ପରିବର୍ତ୍ତିତ ସ୍ଥିତିରେ ଯୁଦ୍ଧ ପାଇଁ ପ୍ରସ୍ତୁତି ଆଦି ବହୁମୁଖୀ ପ୍ରସଙ୍ଗରେ ଏହି ସଂସ୍କାର ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି ।

ଏହି ଦୃଷ୍ଟିକୋଣ ହାସଲ କରିବା ପାଇଁ ୨୦୨୫ ମସିହାରେ ଅନେକ ପ୍ରମୁଖ କ୍ଷେତ୍ରକୁ ଚିହ୍ନଟ କରାଯାଇଛି । ଏଥିରେ ପ୍ରତିରକ୍ଷା ଉତ୍ପାଦନକୁ ସୁଦୃଢ଼ କରିବା, ଭିତ୍ତିଭୂମିରେ ଉନ୍ନତି ଆଣିବା, କୃତ୍ରିମ ବୁଦ୍ଧିମତ୍ତା, ଡ୍ରୋନ୍ ଏବଂ ସାଇବର ଯୁଦ୍ଧ ଭଳି ଅଭିନବ ପ୍ରଯୁକ୍ତିର ଏକୀକରଣକୁ ଅଗ୍ରଗତି କରିବା ଅନ୍ତର୍ଭୁକ୍ତ । ଏହାର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟକୁ ଶୃଙ୍ଖଳିତ, ଅଧିକ ଦକ୍ଷ ଏବଂ ସଶସ୍ତ୍ର ବାହିନୀ ବିଶ୍ୱ ସାମରିକ ସାମର୍ଥ୍ୟର ଅଗ୍ରଭାଗରେ ରହିବାକୁ ସୁନିଶ୍ଚିତ କରିବା ।

ପ୍ରତିରକ୍ଷା ମନ୍ତ୍ରଣାଳୟ ବିଭିନ୍ନ ଶାଖା ମାଧ୍ୟମରେ ସମନ୍ୱୟକୁ ବୃଦ୍ଧି କରିବା, ଜାତୀୟ ନିରାପତ୍ତା ପାଇଁ ଏକ ମିଳିତ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ଏହା କାର୍ଯ୍ୟ କରିବ । ପ୍ରତିରକ୍ଷା କ୍ଷେତ୍ର ଏବଂ ବେସାମରିକ ଉଦ୍ୟୋଗ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର ଓ ଜ୍ଞାନର ଆଦାନ ପ୍ରଦାନ ସହଜ କରିବା ଲକ୍ଷ୍ୟରେ ଏହା କାର୍ଯ୍ୟ କରିବ । ଏହାଦ୍ୱାରା ସରକାରୀ ଓ ବେସରକାରୀ ଭାଗିଦାରିତା ଅଧିକ ପ୍ରୋତ୍ସାହିତ ହେବ ।

## ସିଭିଲ୍ ଆଭିଏସନ୍ କନ୍‌ସଲ୍‌ଟେସନ

କୁହୁଡ଼ିର ମୁକାବିଲା କରିବାପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର୍‌ଲାଇନ୍‌ସ, ବିମାନ ବନ୍ଦର ଅପରେଟର୍ ଏବଂ ଅଂଶୀଦାରମାନଙ୍କ ସହ ଦୁଇ ମାସ ଧରି ବିଚାର ବିମର୍ଶ କରୁଛି । ମନ୍ତ୍ରଣାଳୟ

ପକ୍ଷରୁ ନିରାପତ୍ତା ସଂସ୍ଥା ସହ ସମନ୍ୱୟ ରକ୍ଷା କରି କୁହୁଡ଼ି ସମ୍ବନ୍ଧୀୟ ଆହ୍ୱାନର ମୁକାବିଲା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜାରାପୁ ରାମ ମୋହନ ନାଇଡୁ ପାଣିପାଗଜନିତ ପ୍ରତିବନ୍ଧକକୁ ଦୂର କରିବା ଲାଗି ଯାତ୍ରା ସମୟ, ହେଉଥିବା ବିଳମ୍ବ ଏବଂ ବିମାନ ଚଳାଚଳକୁ ସୁଗମ କରିବା ଉପରେ ପଦକ୍ଷେପ ନେଉଛନ୍ତି । ଯାତ୍ରୀମାନଙ୍କ ସହ ଉତ୍ତମ ଯୋଗାଯୋଗ ରକ୍ଷା କରିବା ସହ ୩ ଘଣ୍ଟାରୁ ଅଧିକ ସମୟ ବିମାନ ଯାତ୍ରା ବିଳମ୍ବ ହେଲେ ତାହାକୁ ବାତିଲ୍ କରିବା ଏବଂ ଅପରେସନ କଣ୍ଟ୍ରୋଲ୍ ସେଣ୍ଟର୍ ସହ ସମନ୍ୱୟ ବୃଦ୍ଧି ଉପରେ ମଧ୍ୟ ଜୋର୍ ଦିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଜଣାପଡ଼ିଛି ।

## ଓ.ଏନ୍.ଓ.ଏସ୍.

ସରକାର ଆଜିଠାରୁ 'ଏକ ଦେଶ ଏକ ସବ୍‌କ୍ରିପ୍‌ସନ୍' – ଓ.ଏନ୍.ଓ.ଏସ୍. ଯୋଜନା ଆରମ୍ଭ କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀଙ୍କୁ ଏକକ ସଦସ୍ୟତା ପ୍ଲାଟଫର୍ମରେ ଗବେଷଣାତ୍ମକ ତଥ୍ୟ, ଶୈକ୍ଷିକ ସାମଗ୍ରୀ ସହ ଡିଜିଟାଲ୍ ଜ୍ଞାନ ସଂଶୋଧନ ପର୍ଯ୍ୟନ୍ତ କାଗଜପତ୍ର ନିର୍ଦ୍ୱନ୍ଦ୍ୱରେ ଉପଲବ୍ଧ କରାଇବା । ବିଶ୍ୱବିଦ୍ୟାଳୟ ଏବଂ ଆଇ.ଆଇ.ଟି. ସମେତ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ୧ କୋଟି ୮୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପଦକ୍ଷେପର ଅଂଶ ଭାବେ ବିଶ୍ୱର ଶୀର୍ଷ ପତ୍ରିକାରେ ପ୍ରକାଶିତ

ଗବେଷଣାତ୍ମକ କାଗଜପତ୍ର ପାଇପାରିବେ । ପ୍ରଥମ ପର୍ଯ୍ୟାୟରେ ଇଞ୍ଜିନିୟରିଂ, ବିଜ୍ଞାନ, ପ୍ରଯୁକ୍ତି, ଭେଷଜ, ଗଣିତ, ସାମାଜିକ ବିଜ୍ଞାନ ଏବଂ ମାନବ ବିଜ୍ଞାନ ସହ ସମ୍ବନ୍ଧିତ ୧୩ ହଜାର ୪୦୦ ଅନ୍ତର୍ଜାତୀୟ ପତ୍ରିକା ଗବେଷକଙ୍କ ପାଇଁ ଉପଲବ୍ଧ କରାଯାଇଛି । ଏହି ଯୋଜନାରେ ଅଲଗା ଭାବେ ସବ୍‌ସ୍କ୍ରିପ୍‌ସନ୍ ନେବାକୁ ପଡ଼ିବ ନାହିଁ । ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ୍ କହିଛନ୍ତି, ଓ.ଏନ୍.ଓ.ଏସ୍.ର ସୁବିଧା ପରବର୍ତ୍ତୀ ପର୍ଯ୍ୟାୟରେ ବେସରକାରୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ ପାଇଁ ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ଦେଶର ସମସ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଉପଲବ୍ଧ ହୋଇପାରିବ । ଏହି ଯୋଜନାରେ ୩ ବର୍ଷ ପାଇଁ ୬ ହଜାର କୋଟି ଟଙ୍କା ବ୍ୟୟ କରାଯିବ ।

## ଜି.ଏସ୍.ଟି. କଲେକ୍ସନ୍

୨୦୨୩ ମସିହା ଡିସେମ୍ବର ତୁଳନାରେ ଗତବର୍ଷ ଡିସେମ୍ବରରେ ସାମଗ୍ରୀ ଓ ସେବା ଟିକସ - ଜି.ଏସ୍.ଟି. ଆଦାୟ ପରିମାଣ ୭ ଦଶମିକ ୩ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୭୬ ହଜାର କୋଟି ଟଙ୍କାରେ ପହଞ୍ଚିଛି । ୨୦୨୩ ଡିସେମ୍ବରରେ ମୋଟ୍ ଜି.ଏସ୍.ଟି. ରାଜସ୍ୱ ୧ ଲକ୍ଷ ୬୪ ହଜାର କୋଟି ଟଙ୍କା ଥିଲା । ସେଥିମଧ୍ୟରେ କେନ୍ଦ୍ରୀୟ ଜି.ଏସ୍.ଟି. ବାବଦକୁ ୩୨

ହଜାର ୮୩୬ କୋଟି ଟଙ୍କା ଥିବାବେଳେ ରାଜ୍ୟ ଜି.ଏସ୍.ଟି. ପରିମାଣ ୪୦ ହଜାର ୪୯୯ କୋଟି ଟଙ୍କା ରହିଥିଲା । ତେବେ ସମନ୍ୱିତ ଜି.ଏସ୍.ଟି. ଆଦାୟ ପରିମାଣ ୪୭ ହଜାର ୭୮୩ କୋଟି ଟଙ୍କା ହୋଇଥିବାବେଳେ ସେସ୍ ପରିମାଣ ୧୧ ହଜାର ୪୭୧ କୋଟି ଟଙ୍କା ଥିଲା ।

## ମହାକୁମ୍ଭ ମେଳା

ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ସମାବେଶ ଭାବରେ ପରିଗଣିତ ମହାକୁମ୍ଭ ମେଳା ବିଶ୍ୱାସ, ସଂସ୍କୃତି ଏବଂ ପ୍ରାଚୀନ ପରମ୍ପରାର ଏକ ମିଶ୍ରଣ । ଭାରତର ୪ଟି ପବିତ୍ର ସହର ହରିଦ୍ୱାର, ଉଜ୍ଜୟିନୀ, ନାସିକ ଏବଂ ପ୍ରୟାଗରାଜ ମଧ୍ୟରେ ପାଳିତ ହୋଇଥାଏ । ପ୍ରତ୍ୟେକ ସହର ଭାରତର ପବିତ୍ର ନଦୀଗୁଡ଼ିକ କୂଳରେ ଅବସ୍ଥିତ । ଆସନ୍ତା ୧୩ ତାରିଖରୁ ଫେବୃୟାରୀ ମାସ ୨୬ ତାରିଖ ପର୍ଯ୍ୟନ୍ତ ପ୍ରୟାଗରାଜଠାରେ ମହାକୁମ୍ଭ ମେଳା ପାଳନ କରାଯିବ। ଏଥିରେ ପ୍ରାୟ ୪୫ କୋଟି ପର୍ଯ୍ୟଟକ ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି ଚାଲିଛି । ଚଳିତବର୍ଷ କୁମ୍ଭମେଳାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ କରାଯାଇ ସୁରକ୍ଷା ତଥା ମେଳା ଆୟୋଜନକୁ ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ ନିଆଯାଇଛି । ଏଥିରେ ୨ ହଜାର ଡ୍ରୋନ୍‌କୁ ନେଇ ଏକ ଡ୍ରୋନ୍ ଶୋ'  କରାଯିବ । ପୌରାଣିକ କାହାଣୀ ଆଧାରିତ କେତେକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି ।

ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ କ୍ୟାମେରା, ଅଣ୍ଡର ୱାଟର ଡ୍ରୋନ୍ ଭଳି ଚବିଶ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଛି । ଏଥିପାଇଁ ଏକ ସ୍ୱତନ୍ତ୍ର ସାଇବର ଥାନା ମଧ୍ୟ ପ୍ରତିଷ୍ଠା କରାଯାଇଛି । ଭାରତ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଡିଜିଟାଲ୍ ଟ୍ରାକିଂ, ସାମାଜିକ ଗଣମାଧ୍ୟମ ପୋଷ୍ଟ ଆଦି ମାଧ୍ୟମରେ ନିଖୋଜ ବ୍ୟକ୍ତିଙ୍କୁ ସେମାନଙ୍କ ପରିବାର ପାଖରେ  ପହଞ୍ଚାଇବା ପାଇଁ ହାଇଟେକ୍ ସେଣ୍ଟରର ମଧ୍ୟ ସ୍ଥାପନ କରାଯାଉଛି ।

## ଇଣ୍ଡିଆ-ପାକ୍ ପ୍ରିଜ୍‌ନର୍ସ

ଭାରତ ଓ ପାକିସ୍ତାନ ଆଜି ଉଭୟ ଦେଶରେ ବନ୍ଦୀ ଥିବା ସାଧାରଣ ନାଗରିକ ଓ ମତ୍ସ୍ୟଜୀବୀମାନଙ୍କ ତାଲିକା କୂଟନୈତିକ ସ୍ତରରେ ଆଦାନ ପ୍ରଦାନ କରିଛନ୍ତି । ଦ୍ୱିପାକ୍ଷିକ ରାଜିନାମା ଅନୁଯାୟୀ ପ୍ରତିବର୍ଷ ଜାନୁୟାରୀ ପହିଲା ଓ ଜୁଲାଇ ପହିଲାରେ ଉଭୟ ଦେଶ ବନ୍ଦୀମାନଙ୍କର ତାଲିକା ହସ୍ତାନ୍ତର କରିଥା'ନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତ ୩୮୧ ଜଣ ସାଧାରଣ ବନ୍ଦୀ ଓ ୮୧ ଜଣ ମତ୍ସ୍ୟଜୀବୀଙ୍କ ତାଲିକା ପାକିସ୍ତାନକୁ ଦେଇଛି । ଅନୁରୂପ ଭାବେ ପାକିସ୍ତାନ ମଧ୍ୟ ୪୯ ଜଣ ସାଧାରଣ ବନ୍ଦୀ ଓ ୨୧୭ ଜଣ ମତ୍ସ୍ୟଜୀବୀଙ୍କ ତାଲିକା ଭାରତକୁ ପ୍ରଦାନ କରିଛି । ଉଭୟ ଦେଶ

ପାଇଥିବା ତାଲିକା ଅନୁଯାୟୀ ବନ୍ଦୀମାନଙ୍କୁ ମୁକ୍ତ କରିବା ଲାଗି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।

## ମହା - ଆକ୍ସିଡେଣ୍ଟ

ମହାରାଷ୍ଟ୍ର ସୋଲାପୁର ଜିଲ୍ଲାର ମଇଁଦର୍ଗିଠାରେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ମହିଳାଙ୍କ ସମେତ ୪ ଜଣ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ଘଟିଛି । ଅକ୍କଲକୋଟ ଅଭିମୁଖେ ଯାଉଥିବା ଏକ ଜିପ୍ ଗୋଟିଏ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଥିଲା । ଆହତ ଲୋକମାନଙ୍କୁକ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଛି ।

## ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଆଜି ବେଙ୍ଗଲ ଟାଇଗର୍ସ ଓ ଟିମ୍ ଗୋନାସିକା ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲିର ପୁରୁଷ ବର୍ଗରେ ହାଇଦ୍ରାବାଦ ତୁଫାନ୍ସ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ୫-୪ ଗୋଲ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସକୁ ହରାଇଛି । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୨-୨

ଗୋଲ୍‌ରେ ଅମୀମାଂସିତ ରହିଥିଲା । ଆସନ୍ତା ୪ ତାରିଖରେ ହାଇଦ୍ରାବାଦ ତୁଫାନ୍ସ’ ଗୋନାସିକାଙ୍କୁ ଭେଟିବ ।

*****